No. of Printed Pages : 24 **BSHF-101(Oriya)**

# Bachelor Degree Programme (BDP)

## Term End Examination, June, 2026

### BSHF-101 : FOUNDATION COURSE IN HUMANITIES & SOCIAL SCIENCES

*Time : 3 Hours* *Maximum Marks : 100*

ମୁଦ୍ରଣ ପୃଷ୍ଠା ସଂଖ୍ୟା : 24 **BSHF-101**

## ବାଚ୍‌ଲୋର୍ ଡିଗ୍ରୀ ପ୍ରୋଗ୍ରାମ୍ (BDP)

## ଟର୍ମ-ସମାପ୍ତି ପରୀକ୍ଷା ଜୁନ,, 2026

### BSHF-101 : ମାନବିକ ବିଦ୍ୟା ଏବଂ ସାମାଜିକ ବିଜ୍ଞାନରେ ମୂଳଦୁଆ କୋର୍ସ

*ସମୟ* : ***3*** ଘଣ୍ଟା *ସର୍ବାଧିକ ମାର୍କ୍* : ***100***

---

### ସାଧାରଣ ନିର୍ଦ୍ଦେଶାବଳୀ

1. ସମସ୍ତ ପ୍ରଶ୍ନଗୁଡିକ ବାଧ୍ୟତାମୂଳକ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ *1* ।
2. ପରୀକ୍ଷାହଲ୍ ଭିତରକୁ ସେଲ୍ ଫୋନ୍, କାଲ୍‌କୁଲେଟର୍, ବୁକ୍, ସ୍ଲାଇଡ୍ ରୁଲ୍‌ସ୍, ନୋଟ୍‌ବୁକ୍ କିମ୍ବା ଲେଖାଥିବା ନୋଟ୍ ଇତ୍ୟାଦି କିଛି ନିଆଯିବାର ଅନୁମତି ନାହିଁ ।
3. ପରୀକ୍ଷା ସ୍ଥଳରେ କେନ୍ଦ୍ରୀୟ ସୁପରିଟେଣ୍ଡେଣ୍ଟଙ୍କ ଏବଂ ନିରିକ୍ଷକଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶାବଳୀ ଅନୁସରଣ କରିବା ଉଚିତ୍ । ଯଦି ଆପଣ ନିର୍ଦ୍ଦେଶାବଳୀର ଅବମାନନା କଲେ, ଆପଣଙ୍କୁ ଅଣଯୋଗ୍ୟତାପ୍ରାପ୍ତ କରାଯିବ ।
4. କୌଣସି ପରୀକ୍ଷାର୍ଥୀ ପରୀକ୍ଷାରେ କପି କରିବା, କପି ନେବା କିମ୍ବା ଗ୍ରହଣ କରିବାରେ ସହାୟତା କରିବାରେ ଦେଖାଦେଲେ ତାଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ।

5. ପ୍ରଶ୍ନ ପତ୍ର ଏବଂ OMR ଉତ୍ତର ସିଟ୍ (ଉତ୍ତର ପତ୍ରିକା) ଆପଣଙ୍କୁ ନିରିକ୍ଷକଙ୍କ ଦ୍ୱାରା ଦିଆଯିବ । ପରୀକ୍ଷା ଶେଷ ହେବା କ୍ଷଣି, ପରୀକ୍ଷା ହଲ୍ ଛାଡିବା ପୂର୍ବରୁ ଆପଣ OMR ଉତ୍ତର ସିଟ୍‌କୁ ନିରିକ୍ଷକଙ୍କୁ ପ୍ରଦାନ କରିବେ । OMR ଉତ୍ତର ସିଟ୍ ପ୍ରଦାନ କରି ନଥିବା କୌଣସି ପରୀକ୍ଷାର୍ଥୀଙ୍କୁ ଯୋଗ୍ୟତା ସଂପନ୍ନ କରାଯିବ ନାହିଁ ଏବଂ ୟୁନିଭରସିଟି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଜାରି ରଖିବ ।

6. ସମସ୍ତ ରଫ୍ କାର୍ଯ୍ୟ ପ୍ରଶ୍ନ ପତ୍ର ଉପରେ ହିଁ କରାଯିବ ଏବଂ ଅନ୍ୟ କୌଣସି କାଗଜ ଉପରେ ନୁହେଁ । ସ୍କ୍ରାପ୍ ପେପର୍ ନେବାର ଅନୁମତି ନାହିଁ ।ଉତ୍ତର ବାହାର କରିବା ପାଇଁ ଆପଣ ମାର୍ଜିନ୍‌ରେ କାର୍ଯ୍ୟ କରିପାରିବେ, କିଛି ଚିହ୍ନ ହେଇ କିମ୍ବା ତଳେ ଗାର ଦେଇ ଟେଷ୍ଟ ବୁକ୍‌ଲେଟ୍‌ରେ କରିପାରନ୍ତି ।

7. ଯେ କୌଣସି ପରୀକ୍ଷାର୍ଥୀ କୌଣସି ପ୍ରକାର ତୃଟିପୂର୍ଣ୍ଣ କାର୍ଯ୍ୟକଲେ କିମ୍ବା କୌଣସି ପ୍ରକାର ଭୁଲ୍ ମାଧ୍ୟମର ପ୍ରୟୋଗ କଲେ ସେମାନଙ୍କର ଫଳାଫଳକୁ ରଦ୍ଦ କରିଦେବାର ଅଧିକାର ୟୁନିଭରସିଟି ଉପରେ ଅଧିକାର ସଂରକ୍ଷିତ ଅଛି । ଆଉ ମଧ୍ୟ ୟୁନିଭରସିଟି ସମସ୍ତ ପରୀକ୍ଷାର୍ଥୀଙ୍କ ସ୍କୋର୍ ସମାନ ଭାବରେ ବୈଧତା ଯାଞ୍ଚ କରିବାର ପ୍ରଣାଳୀ ଅବଲମ୍ବନ କରିପାରିବେ । ଯଦି କୌଣସି ପ୍ରକାର ସନ୍ଦେହର ସଂକେତ ଦେଖାଦେଲେ ଆପଣ ପରଫରମାନ୍ସ୍ ଜେନ୍ୟୁଇନ୍ ବୋଲି ମାନି ନିଆଯିବ ନାହିଁ । ୟୁନିଭରସିଟି ଆପଣ ଫଳାଫଳକୁ ବାତିଲ୍ କରିପାରନ୍ତି ।

## OMR (ଓଏମ୍ଆର୍) ଉତ୍ତର ସିଟ୍ ଉପରେ କିପରି ସୂଚନା ପୂରଣ କରିବାକୁ ହେବ

## (ପରୀକ୍ଷା ଉତ୍ତର ସିଟ୍)

1. ଆପଣଙ୍କର ପୁରା 9 ଅକ୍ଷର ବିଶିଷ୍ଟ ନାମାଙ୍କନ ନମ୍ବର ଲେଖନ୍ତୁ । OMR ଉତ୍ତର ସିଟ୍ ଆପଣଙ୍କ ଦ୍ୱାରା ଦିଆଯାଇଥିବା ନାମାଙ୍କନ ନମ୍ବରକୁ ସଠିକ୍ ବୋଲି ଧରି ନିଆଯିବ । ଆଉ ଆପଣଙ୍କ ସଠିକ ନାମ, ଠିକଣା ପିନ୍ ସହିତ ଦିଆଯାଇଥିବା ସ୍ଥାନରେ ଲେଖନ୍ତୁ ।ତାରିଖ ସହ ଆପଣ **OMR (ଓଏମ୍ଆର୍)** ଉତ୍ତର ସିଟ୍ ଉପରେ ଦସ୍ତଖତ କରନ୍ତୁ । ସୁନିଶ୍ଚିତ ହୁଅନ୍ତୁ ଯେ, ଆପଣଙ୍କ ପରୀକ୍ଷା ହଲ୍‌ର ନିରିକ୍ଷକ ତାରିକ ସହ ତାଙ୍କ ଦସ୍ତଖତ OMR ଉତ୍ତର ସିଟ୍ ଉପରେ ଦିଆଯାଇଥିବା ସ୍ଥାନରେ ଦେଇଛନ୍ତି ।
2. **OMR (ଓଏମ୍ଆର୍)** ଉତ୍ତର ସିଟ୍ ଉପରେ ଛାତ୍ରଛାତ୍ରୀମାନଙ୍କ ବିବରଣୀ ବ୍ଲୁ/ବ୍ଲାକ୍ ବଲ୍ ପେନ୍‌ରେ ହିଁ ପୂରଣ କରିବେ । ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ ସହିତ ପ୍ରଶ୍ନର ବିପରିତ ପାଖରେ ଦିଆଯାଇଥିବା ସଠିକ୍ ଉତ୍ତର ହେତୁ ସେଠାରେ ଥିବା ବୃତ୍ତରେ ବ୍ଲାକେନିଙ୍ଗ୍ କରିବା ପାଇଁ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ହିଁ ବ୍ୟବହାର କରିବେ ।
3. ଏହି ସିଟ୍ କୌଣସି ପ୍ରକାର ଗାର ମାରନ୍ତୁ ନାହିଁ ।
4. ନାମାଙ୍କନ ନମ୍ବର ଏବଂ ପରୀକ୍ଷା କେନ୍ଦ୍ର କୋଡ୍ କଲମ୍‌ରେ ସଠିକ୍ ସୂଚନା ସାଙ୍ଖିଂକ ଭାବରେ ଲେଖନ୍ତୁ । ତା ସହିତ ଦିଆଯାଇଥିବା ବୃତ୍ତଟି ଗାଢ଼ା କଳା ଏବଂ ସଂପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଆବଶ୍ୟକ ।
5. ପ୍ରତ୍ୟେକ ପ୍ରଶ୍ନର ସମ୍ଭାବିତ ଉତ୍ତରଟି ଆପଣ ଚାରୋଟି ସଂଖ୍ୟା (1), (2), (3) ଏବଂ (4) ହିସାବରେ ଲେଖିବେ । ଆପଣ ପ୍ରତି ପ୍ରଶ୍ନ ପାଇଁ କେବଳ ଗୋଟିଏ ମାତ୍ର ଉତ୍ତର ଦେବେ ଯେଉଁଟିକୁ ଆପଣ ସବୁଠାରୁ ସଠିକ୍ ବୋଲି ଭାବିବେ । ସବୁଠାରୁ ଉପଯୁକ୍ତ ଉତ୍ତରଟି ଚୟନ କରନ୍ତୁ । ତାପରେ ବ୍ଲୁ/ବ୍ଲାକ୍ ବଲ୍ ପେନ୍ ବ୍ୟବହାର କରି ପ୍ରଶ୍ନର ଅନ୍ୟ ପାଖରେ ଥିବା ନମ୍ବର ଉପରେ ସଠିକ୍ ନମ୍ବର ଲେଖି ବୃତ୍ତକୁ ଗାଢ଼ା କଳା ରଙ୍ଗ କରିଦିଅନ୍ତୁ । ଯଦି ଆପଣ ତାହାର ଉତ୍ତର ମଧ୍ୟରୁ କେଉଁଟିକୁ ମଧ୍ୟ ପାଇଲେ ନାହିଁ ତେବେ ଆପଣ **'0'** ଲେଖି ବୃତ୍ତଟି ଗାଢ଼ା କରି ଦିଅନ୍ତୁ ।
6. ଗୋଟିଏ ପ୍ରଶ୍ନ ପାଇଁ ଏକାଧିକ ଉତ୍ତର ମାନ୍ୟ ହେବ ନାହିଁ । ତେଣୁ ଆପଣ ସବୁଠାରୁ ଉପଯୁକ୍ତ ଥିବା ସଂଖ୍ୟାଟି ଲେଖିବା ପାଇଁ ଚୟନ କରିବା ଉଚିତ୍ ।
7. ଗୋଟିଏ ପ୍ରଶ୍ନ ପାଇଁ ଆପଣ ଅଧକ ସମୟ ଖର୍ଚ୍ଚ କରିବା ଉଚିତ୍ ନୁହେଁ । ଯଦି ଆପଣ କୌଣସି ସ୍ୱତନ୍ତ୍ର ପ୍ରଶ୍ନଟି କଠିନ ବୋଲି ମନେହୁଏ, ତେବେ ସେହିଟିକୁ ଛାଡି ପରବର୍ତ୍ତୀ ପ୍ରତି ଧ୍ୟାନ ଦେବା ଉଚିତ୍ । ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସାରିବା ପରେ ଯଦି ସମୟ ବଳକା ରହେ, ତେବେ ଆପଣ ଉତ୍ତର ଦେଇ ନଥିବା ପ୍ରଶ୍ନଗୁଡ଼ିକ ଆଡକୁ ଯାଇପାରନ୍ତି ।
8. ଭୁଲ୍ ଉତ୍ତର ପାଇଁ ନେଗେଟିଭ୍ ମାର୍କିଙ୍ଗ୍ ନାହିଁ ।

1. ଇମାଇଲ୍ ଡର୍ଖାଇମ୍ ଜଣେ ପ୍ରସିଦ୍ଧ :

(1) ସ୍ୱାନିସ୍ ସମାଜବିଜ୍ଞାନୀ (2) ଜର୍ମାନ ସମାଜବିଜ୍ଞାନୀ

(3) ଫରାସୀ ସମାଜବିଜ୍ଞାନୀ (4) ବ୍ରିଟିଶ୍ ସମାଜବିଜ୍ଞାନୀ

2. ଆର୍ଥିକ, ଆଦର୍ଶଗତ ଏବଂ ରାଜନୈତିକ ଭଳି ତିନୋଟି ସ୍ତରର ସମ୍ପର୍କକୁ ନିର୍ଦ୍ଦିଷ୍ଟ କରିବା ପାଇଁ 'ସାମାଜିକ ଗଠନ' ଶବ୍ଦଟି କିଏ ବ୍ୟବହାର କରିଥିଲେ?

(1) ଫାସିବାଦୀ (2) ଡେମୋକ୍ରାଟ

(3) ଅର୍ଥନୀତିଜ୍ଞ (4) ମାର୍କ୍ସବାଦୀ

3. କାହା ମତ ଅନୁସାରେ ଜ୍ଞାନ, ଶିକ୍ଷାର୍ଥୀମାନଙ୍କୁ ଅନ୍ଧାରରୁ ଆଲୋକ ଆଡକୁ ନେବାକୁ ସକ୍ଷମ କରିବା ଉଚିତ ?

(1) ଦାସ କ୍ୟାପିଟାଲ (2) ଉପନିଷଦ

(3) ୟୁଟୋପିଆ (4) ଡିଭାଇନ୍ କମେଡି

4. କେଉଁ ଆମେରିକୀୟ ପର୍ଯ୍ୟବେକ୍ଷକ ଯିଏ କି ଜ୍ଞାନକୁ ପ୍ରଚାରରେ ପରିଣତ ନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ?

(1) ପ୍ରଫେସର ନୋଆମ୍ ଚମସ୍କି (2) ଏଡମଣ୍ଡ ଲିଚ୍

(3) ମେରୀ ଡଫଲାସ୍ (4) ଆଡାମ୍ ସ୍ମିଥ୍

5. ଉପକରଣ ତିଆରିରେ ବିପ୍ଳବ ବ୍ରୋଞ୍ଜ ଯୁଗ ସହିତ ଆସିଲା:

(1) 10,000 ବର୍ଷ (2) 9,000 ବର୍ଷ

(3) 3,000 ବର୍ଷ (4) 7,000 ବର୍ଷ

6. ଲୌହ ଯୁଗ ପ୍ରାୟ କେବେ ଆରମ୍ଭ ହୋଇଥିଲା:

(1) 10000 BC (2) 2500 BC

(3) 1200 BC (4) 2800 BC

7. ବିଜ୍ଞାନ ଏବଂ ଧାର୍ମିକ ପରମ୍ପରା ମଧ୍ୟରେ ମିଶ୍ରଣ ବିନ୍ଦୁଗୁଡ଼ିକ କାହା ଉପରେ ବ୍ୟବସ୍ଥିତ:

(1) ସ୍ତୁତି (2) ମୃଗ

(3) ଯୋଗ ଏବଂ ସାଧନା (4) ଶାସ୍ତ୍ର

8. ଗୌତମ ବୁଦ୍ଧ ନିର୍ବାଣ କିମ୍ବା ମୋକ୍ଷ ପ୍ରାୟ କେବେ ପ୍ରାପ୍ତ କରିଥିଲେ :

(1) 1000 BC (2) 500 BC

(3) 1200 BC (4) 800 BC

9. ଚୀନରେ କିଏ ତାଓ ଧର୍ମ ପ୍ରଚାର କରିଥିଲେ?

(1) ଦଲାଇ ଲାମା (2) ହୁଏନ ଶାଂ

(3) ଲାଓ-ସେ (4) ଫାହିଆନ୍

10. ଜ୍ଞାନର ଏକ ପ୍ରାରମ୍ଭିକ ରୂପ କଣ ଥିଲା:

(1) କାର୍ଟୁନ୍ (2) ଚଳଚ୍ଚିତ୍ର

(3) ଯାଦୁ (4) ଟେଲିଭିଜନ

11. ହର୍‌ପ୍‌ପା ସଭ୍ୟତା ଏକ ପ୍ରକାର କଣ ଥିଲା :

(1) ସହରାଞ୍ଚଳ ସମାଜ (2) ପାର୍ଶ୍ୱର୍ଗତ ସମାଜ

(3) ଯାଯାବର ସମାଜ (4) ଗ୍ରାମାଞ୍ଚଳ ସମାଜ

12. ପ୍ରୋଟେଷ୍ଟାଣ୍ଟ ସଂସ୍କାର ଆନ୍ଦୋଳନ କିଏ ଆରମ୍ଭ କରିଥିଲେ:

(1) ମାର୍ଟିନ୍ ଲୁଥର (2) ଦାନ୍ତେ

(3) ଲକ୍ (4) କାର୍ଲ୍ ମାର୍କ୍ସ

13. 'ନୂତନପ୍ରସ୍ତର' ଶବ୍ଦଟି ଏଥି ମଧ୍ୟରୁ କାହା ସହିତ ଜଡିତ:

(1) ଛୋଟ ପଥର (2) ବହୁ ପଥର

(3) କୃଷିର ଉତ୍ପତ୍ତି (4) ଇଟା

14. 'ଆକୃତି ବିଜ୍ଞାନ' ଶବ୍ଦଟି ଏଥି ମଧ୍ୟରୁ କେଉଁ ଜିନିଷଗୁଡ଼ିକୁ ବୁଝାଏ:

(1) ଉଦ୍ଭିଦ ଏବଂ ପ୍ରାଣୀଙ୍କ ରୂପ ଏବଂ ଗଠନ (2) ମାନବ ସମାଜର ଗଠନ

(3) ନଦୀର ଗଠନ (4) କୋଠାର ଗଠନ

15. ହୋମୋ ସାପିଏନ୍ସ ହେଉଛି ଏକ:

(1) ଫରାସୀ ନାମ (2) ଲାଟିନ୍ ନାମ

(3) ରୁଷୀୟ ନାମ (4) ସ୍ପାନିସ୍ ନାମ

16. 'ରିନାସା' ଶବ୍ଦର ଅର୍ଥ:

(1) ଗଠନ (2) ବିଚାରଧାରା

(3) ପୁନର୍ଜନ୍ମ (4) ସାକ୍ଷ୍ୟ

17. ପିକୋଡେଲା ମିରାଣ୍ଡୋଲା ଜଣେ କିଏ ଥିଲେ :

(1) ଜଣେ ଇଟାଲୀୟ ମାନବବାଦୀ (2) ଜଣେ ଭାରତୀୟ ମାନବବାଦୀ

(3) ଜଣେ ଆମେରିକୀୟ ମାନବବାଦୀ (4) ଜଣେ ଫରାସୀ ମାନବବାଦୀ

18. ସେକ୍ସପିଅର କେଉଁଠାରେ ଅଧିକ ଜଣାଶୁଣା ଥିଲେ:

(1) ହଲାଣ୍ଡ (2) ଇଂଲଣ୍ଡ

(3) ଆମେରିକା (4) ଇଟାଲୀ

19. 'ଡେକାମେରନ୍'ର ଲେଖକ କିଏ ଥିଲେ?

(1) ବୋକାସିଓ (2) ଦାନ୍ତେ

(3) ଥୋମାସ ମୋରେ (4) ସେକ୍ସପିଅର

20. 'ଭର୍ଜନ ଅଫ୍ ଦି ରକ୍ସ' କାହା ଦ୍ୱାରା ଅଙ୍କିତ ହୋଇଥିଲା :

(1) ଦାନ୍ତେ (2) ରାଫେଲ୍

(3) ମାଇକେଲ୍ଏଞ୍ଜେଲୋ (4) ଲିଓନାର୍ଡୋ ଡା ଭିଞ୍ଚି

21. ଦି ଲାଷ୍ଟ ସପର କାହା ଦ୍ୱାରା ଅଙ୍କିତ ହୋଇଥିଲା :

(1) ରାଫେଲ୍ (2) ଦାନ୍ତେ

(3) ଲିଓନାର୍ଡୋ ଡା ଭିଞ୍ଚି (4) ମାଇକେଲ୍ଏଞ୍ଜେଲୋ

22. ଫ୍ରାନ୍ସ୍ ବେକନ୍ କେଉଁଥି ପାଇଁ ପ୍ରସିଦ୍ଧ ଥିଲେ :

(1) ଇଣ୍ଡକ୍ଟିଭ୍ ପଦ୍ଧତି (2) ଡିଡକ୍ଟିଭ୍ ପଦ୍ଧତି

(3) ଇଣ୍ଡକ୍ଟିଭ୍ ଏବଂ ଡିଡକ୍ଟିଭ୍ ଉଭୟ (4) ଏଥିମଧ୍ୟରୁ କୌଣସିଟି ନୁହେଁ

23. 'ଡି ହ୍ୟୁମାନି କର୍ପୋରିସ୍ ଫାବ୍ରିକା' କାହା ଦ୍ୱାରା ଲେଖାଯାଇଥିଲା:

(1) କୋପର୍ନିକସ୍ (2) ପ୍ଲାଟୋ

(3) ଭେସାଲିୟସ୍ (4) ସର୍ଭାଣ୍ଟେସ୍

24. ରକ୍ତ ସଞ୍ଚାଳନ ଉପରେ କିଏ ଏକ ପୁସ୍ତକ ପ୍ରକାଶ କରିଥିଲେ?

(1) କୋପର୍ନିକସ୍ (2) ସର୍ଭାଣ୍ଟେସ୍

(3) ଭେସାଲିୟସ୍ (4) ପ୍ଲାଟୋ

25. ମାକିଆଭେଲିଙ୍କ କେଉଁ ଦେଶର ଅଧିବାସୀ :

(1) ଫ୍ରାନ୍ସ୍ (2) ଆମେରିକା

(3) ବ୍ରିଟେନ୍ (4) ଇଟାଲୀ

26. କେପ୍ ଅଫ୍ ଗୁଡ୍ ହୋପ୍ ପାର ହୋଇଥିବା ନାବିକର ନାମ କଣ :

(1) ମାଗେଲାନ୍ (2) ବାର୍ଥୋଲୋମିଉ ଡିଆଜ୍

(3) କଲମ୍ବସ୍ (4) ଭାସ୍କୋ ଡା ଗାମା

27. ଚୀନ୍ କେଉଁ ଜିନିଷ ରପ୍ତାନି ପାଇଁ ପ୍ରସିଦ୍ଧ ଥିଲା :

(1) ଚା, ଚିନି ଏବଂ ସିଲ୍କ୍ (2) ଚା, ସୁନା ଏବଂ ସିଲ୍କ୍

(3) ସିଲ୍କ୍, ଔଷଧ ଏବଂ କଫି (4) କଫି, ସୁନା ଏବଂ ଔଷଧ

28. ଭାରତ କେଉଁଥି ପାଇଁ ପ୍ରସିଦ୍ଧ ଥିଲା :

(1) କଫି (2) ଚା

(3) କପା ବସ୍ତ୍ର (4) ସୁନା

29. ପଲାସି ଯୁଦ୍ଧରେ ସେନାର ସେନାପତି କିଏ ଥିଲେ ?

(1) କର୍ଣ୍ଣୱାଲିସ୍ (2) ରବର୍ଟ କ୍ଲାଇଭ୍

(3) ଲର୍ଡ ଡେଲହାଉସି (4) ଲର୍ଡ ମିଣ୍ଟୋ

30. କେଉଁ ବର୍ଷ ରାଣୀ ଭିକ୍ଟୋରିଆ ଭାରତ ଉପରେ ପ୍ରତ୍ୟକ୍ଷ ଶାସନର ଦାୟିତ୍ୱ ଗ୍ରହଣ କରିଥିଲେ?

(1) 1650 (2) 1757

(3) 1756 (4) 1858

31. ଭାରତରେ ତମାଖୁ, ଆଳୁ ଏବଂ ବାଦାମ କାହା ଦ୍ୱାରା ପ୍ରଚଳିତ ହୋଇଥିଲା :

(1) ଫରାସୀ (2) ସ୍ପାନିସ୍

(3) ବ୍ରିଟିଶ (4) ଆମେରିକା

32. କେଉଁ ମସିହାରେ ବ୍ରିଟିଶ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ବଙ୍ଗ, ବିହାର ଏବଂ ଓଡ଼ିଶାର ଦିୱାନୀ ହାସଲ କରିଥିଲା :

(1) 1760 (2) 1762

(3) 1765 (4) 1770

33. ସ୍ପିନିଂ ଜେନି କିଏ ଉଦ୍ଭାବନ କରିଥିଲେ?

(1) କ୍ରମ୍ପଟନ୍ (2) କାର୍ଟ୍ ରାଇଟ୍

(3) ହାରଗ୍ରିଭସ୍ (4) ଜେମ୍ସ୍ ୱାଟ୍

34. କେଉଁ ବର୍ଷ ବାଷ୍ପଚାଳିତ ଇଞ୍ଜିନ୍ ଆବିଷ୍କୃତ ହୋଇଥିଲା ?

(1) 1762 (2) 1765

(3) 1763 (4) 1764

35. କେଉଁ ବର୍ଷ ବ୍ୟାଙ୍କ ଅଫ୍ ଇଂଲଣ୍ଡ ପ୍ରତିଷ୍ଠିତ ହୋଇଥିଲା:

(1) 1694 (2) 1692

(3) 1693 (4) 1691

36. କେଉଁ ବର୍ଷ ସ୍ଥାୟୀ ବନ୍ଦୋବସ୍ତ ପ୍ରଥା ପ୍ରଚଳନ କରାଯାଇଥିଲା?

(1) 1700 (2) 1972

(3) 1793 (4) 1794

37. ରୟୋତ୍ୱାରି ପ୍ରଣାଳୀ କିଏ ପ୍ରଚଳନ କରିଥିଲେ?

(1) ଥମାସ ମୁନରୋ (2) ୱିଲିୟମ୍ ବେଣ୍ଟିଙ୍କ୍

(3) ଲର୍ଡ କର୍ଣ୍ଣୱାଲିସ୍ (4) ଲର୍ଡ ୱେଲେସଲି

38. 'ମର୍‌ହଟା' କେଉଁ ସ୍ଥାନରେ ପ୍ରକାଶିତ ହୋଇଥିଲା?

(1) ବଙ୍ଗଳା (2) ବମ୍ବେ

(3) ଦିଲ୍ଲୀ (4) ମାଡ୍ରାସ୍

39. 'ଯୁଗାନ୍ତର' କେଉଁ ସ୍ଥାନରେ ପ୍ରକାଶିତ ହୋଇଥିଲା?

(1) ଦିଲ୍ଲୀ (2) ବଙ୍ଗଳା

(3) ପାଟନା (4) ବମ୍ବେ

40. 'ଅମୃତ ବଜାର ପତ୍ରିକା' କେଉଁ ସ୍ଥାନରେ ପ୍ରକାଶିତ ହୋଇଥିଲା?

(1) ପାଟନା (2) ବଙ୍ଗଳା

(3) ମାଡ୍ରାସ୍ (4) ବମ୍ବେ

41. 'ଦି ଟ୍ରିବ୍ୟୁନ୍' କେଉଁ ସ୍ଥାନରେ ପ୍ରକାଶିତ ହୋଇଥିଲା?

(1) ହରିୟାଣା (2) ଉତ୍ତର ପ୍ରଦେଶ

(3) ପଞ୍ଜାବ (4) ବମ୍ବେ

42. କିଏ କହିଥିଲେ "ଏକ ଶ୍ରେଣୀର ବ୍ୟକ୍ତି ସୃଷ୍ଟି କରିବାକୁ, ରକ୍ତ ଏବଂ ରଙ୍ଗରେ ଭାରତୀୟ କିନ୍ତୁ ସ୍ୱାଦ, ମତ, ନୈତିକତା ଏବଂ ବୁଦ୍ଧିରେ ଇଂରାଜୀ"?

(1) ଲର୍ଡ କ୍ଲାଇଭ (2) ଥୋମାସ ମକାଉଲେ

(3) ୱିଲିୟମ୍ ବେଣ୍ଟିଙ୍କ୍ (4) ଲର୍ଡ ଡାଲହାଉସି

43. ଆଲବର୍ଟ ବିଲ୍ ପ୍ରସ୍ତାବିତ ହେବା ସମୟରେ ଭାରତର ଭାଇସ୍‌ରୟ କିଏ ଥିଲେ ?

(1) ଲର୍ଡ କର୍ଣ୍ଣୱାଲିସ୍ (2) ଲର୍ଡ ବେଣ୍ଟିଙ୍କ୍

(3) ଲର୍ଡ ରିପନ (4) ଲର୍ଡ କ୍ଲାଇଭ୍

44. 1837 ମସିହାରେ କେଉଁ ପ୍ରଥମ ସମାଜ ଗଠିତ ହୋଇଥିଲା?

(1) ଜମିଦାର ସମାଜ (2) କୃଷକ ସମାଜ

(3) ଶ୍ରମିକ ସମାଜ (4) ଓକିଲ ସମାଜ

45. ଲଣ୍ଡନରେ ପୂର୍ବ ଭାରତ ସଂଘ କେଉଁ ବର୍ଷରେ ପ୍ରତିଷ୍ଠିତ ହୋଇଥିଲା?

(1) 1821 (2) 1857

(3) 1866 (4) 1864

46. ପୁନା ସାର୍ବଜନୀନ ସଭାର ପ୍ରତିଷ୍ଠାତା କିଏ ଥିଲେ?

(1) ଦାଦାଭାଇ ନାରୋଜୀ (2) ବିପିନ ଚନ୍ଦ୍ର ପାଲ

(3) ଏମ୍. ଜି. ରାନାଡେ (4) ଲାଲା ଲାଜପତ ରାୟ

47. ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି କିଏ ଥିଲେ?

(1) ରାନାଡେ (2) ଡବ୍ଲୁ. ସି. ବାନାର୍ଜୀ

(3) ଜି. କେ. ଗୋଖଲେ (4) ଏ. ଓ. ହ୍ୟୁମ୍

48. ଏ. ଓ. ହ୍ୟୁମ୍ କିଏ ଥିଲେ:

(1) ଜଣେ ଇଂରେଜ (2) ଜଣେ ଫରାସୀ

(3) ଜଣେ ସ୍ପାନିସ୍ (4) ଜଣେ ରଷୀୟ

49. ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ କେଉଁଠାରେ ଅନୁଷ୍ଠିତ ହୋଇଥିଲା:

(1) କଲିକତା (2) ବମ୍ବେ

(3) ଦିଲ୍ଲୀ (4) ଅହମ୍ମଦାବାଦ

50. କିଏ କହିଥିଲେ, 'ସ୍ୱରାଜ ମୋର ଜନ୍ମଗତ ଅଧିକାର ଏବଂ ମୁଁ ଏହାକୁ ପାଇବି'?

(1) ବି. ଜି. ତିଳକ (2) ବିପିନ ଚନ୍ଦ୍ର ପାଲ

(3) ଲାଲା ଲାଜପତ ରାୟ (4) ଗୋବିନ୍ଦ ରାନାଡେ

51. ଭାରତୀୟ ଜାତୀୟ କଂଗ୍ରେସ କେଉଁ ବର୍ଷ ବିଭାଜିତ ହୋଇଥିଲା?

(1) 1905 (2) 1907

(3) 1910 (4) 1916

52. ବଙ୍ଗ ବିଭାଜନ କେଉଁ ବର୍ଷ ହୋଇଥିଲା:

(1) 1905 (2) 1903

(3) 1900 (4) 1901

53. ହୋଲ୍ ରୁଲ୍ ଆନ୍ଦୋଳନ କିଏ ଆରମ୍ଭ କରିଥିଲେ:

(1) ଆନି ବେସାନ୍ତ ଏବଂ ତିଲକ (2) ତିଲକ ଏବଂ ରାନାଡେ

(3) ଆନି ବେସାନ୍ତ ଏବଂ ରାନାଡେ (4) ଗାନ୍ଧୀଜୀ

54. କେଉଁ ବର୍ଷ ସ୍ୱଦେଶୀ ଆନ୍ଦୋଳନ ହ୍ରାସ ପାଇଲା?

(1) 1905 (2) 1906

(3) 1907 (4) 1908

55. ଚମ୍ପାରଣରେ ସତ୍ୟାଗ୍ରହ ଆନ୍ଦୋଳନ କିଏ ଆରମ୍ଭ କରିଥିଲେ?

(1) ଏମ୍. ଜି. ରାନାଡେ (2) ଗାନ୍ଧୀଜୀ

(3) ଜବାହରଲାଲ ନେହେରୁ (4) ବି. ଜି. ତିଲକ

56. ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନ କେଉଁ ବର୍ଷ ଅନୁଷ୍ଠିତ ହୋଇଥିଲା?

(1) 1918 (2) 1919

(3) 1920 (4) 1921

57. ସାଇମନ କମିଶନଙ୍କୁ କେଉଁ ବର୍ଷ ନିଯୁକ୍ତ କରାଯାଇଥିଲା:

(1) 1919 (2) 1927

(3) 1938 (4) 1925

58. ଭାରତୀୟ ଜାତୀୟ କଂଗ୍ରେସକୁ କେଉଁ ଅଧିବେଶନରେ ପୂର୍ଣ୍ଣ ସ୍ୱରାଜର ସଂକଳ୍ପ ଘୋଷଣା କରାଯାଇଥିଲା?

(1) କଲିକତା (2) ବମ୍ବେ

(3) ମାନ୍ଦ୍ରାସ୍ (4) ଲାହୋର

59. ଆଇନ ଅମାନ୍ୟ ଆନ୍ଦୋଳନ କିଏ ଆରମ୍ଭ କରିଥିଲେ?

(1) ତିଲକ (2) ଗୋଖଲେ

(3) ମହାତ୍ମା ଗାନ୍ଧୀ (4) ଗୋବିନ୍ଦ ରାନାଡେ

60. ଭାରତୀୟ ଜାତୀୟ କଂଗ୍ରେସ କେଉଁ ବର୍ଷ ଭାରତ ଛାଡ଼ ଆନ୍ଦୋଳନ ଘୋଷଣା କରିଥିଲା:

(1) 1935 (2) 1920

(3) 1942 (4) 1947

61. ଅଖିଳ ଭାରତ ଟ୍ରେଡ୍ ୟୁନିଅନ୍ କଂଗ୍ରେସର ପ୍ରଥମ ସଭାପତି କିଏ ଥିଲେ?

(1) ଗୋଖଲେ (2) ବିପିନ ଚନ୍ଦ୍ର ପାଲ

(3) ଲାଲା ଲାଜପତ ରାୟ (4) ସୁଭାଷ ଚନ୍ଦ୍ର ବୋଷ

62. ଶାନ୍ତିର ପାଞ୍ଚଟି ନୀତି ଉପରେ କିଏ ଧ୍ୟାନ ଦେଇଥିଲେ?

(1) ମହାତ୍ମା ଗାନ୍ଧୀ (2) ଜବାହରଲାଲ ନେହେରୁ

(3) ସୁଭାଷ ଚନ୍ଦ୍ର ବୋଷ (4) ବି. ଜି. ତିଲକ

63. ଡିଏମକେ କେଉଁ ରାଜ୍ୟ ସହିତ ଜଡିତ:

(1) ଓଡ଼ିଶା (2) ଆନ୍ଧ୍ର ପ୍ରଦେଶ

(3) ମଧ୍ୟପ୍ରଦେଶ (4) ତାମିଲନାଡୁ

64. କିଏ କହିଥିଲେ, "ଆମେ ସ୍ଥିତି ଅଧିକାର କରୁ କିନ୍ତୁ ଆମେ ଭୂମିକା ନିଭାଉ"?

(1) ଡାରୱିନ୍ (2) ମାକିଆଭେଲି

(3) ଲିଣ୍ଟନ୍ (4) ରାଫେଲ୍

65. ଡେଭିସ୍ ଏବଂ ମୋରେ କେଉଁ ତାଲିକାର ଅନ୍ତର୍ଭୁକ୍ତ:

(1) ମାର୍କ୍ସବାଦୀ ସ୍କୁଲ (2) କାର୍ଯ୍ୟକାରିତାବାଦୀ ସ୍କୁଲ

(3) ବିବର୍ତ୍ତନବାଦୀ ସ୍କୁଲ (4) ଆଧୁନିକ ସ୍କୁଲ

66. କିଏ କହିଥିଲେ, "ଅର୍ଥନୈତିକ ସ୍ତରୀକରଣ ରହିଛି କାରଣ ଏହା ଲୋକଙ୍କୁ ପ୍ରେରଣା ଦେଇ ସମାଜର ଉତ୍ପାଦକତା ଆବଶ୍ୟକତା ପୂରଣ କରେ"?

(1) ଆଡାମ୍ ସ୍ମିଥ୍ (2) ମାକିଆଭେଲି

(3) ଡେଭିସ୍ ଏବଂ ମୋରେ (4) ଦାନ୍ତେ

67. ଯୌନ ସମ୍ପର୍କ ନିଷେଧ ହେଉଛି ଏକ:

(1) ଅର୍ଥନୈତିକ ମାନଦଣ୍ଡ (2) ରାସାୟନିକ ପ୍ରକ୍ରିୟା

(3) ସାଂସ୍କୃତିକ ମାନଦଣ୍ଡ (4) ମନସ୍ତାତ୍ତ୍ୱିକ ମାନଦଣ୍ଡ

68. ବୁଶମ୍ୟାନ ମାନେ କେଉଁଠାରେ ମିଳିଥିଲେ:

(1) କଳାହାରୀ ମରୁଭୂମି (2) ଥର ମରୁଭୂମି

(3) ନୀଳଗିରି ପାହାଡ଼ (4) କାସ୍ପିଆନ୍ ସାଗର

69. 'ଶକ୍ତିକୁ କର୍ତ୍ତୃପକ୍ଷ ବୋଲି କିଏ କହିଥିଲେ '?

(1) ଆଡାମ୍ ସ୍ମିଥ୍ (2) ମ୍ୟାକ୍ସ ୱେବର

(3) ସେକ୍ସପିଅର (4) ମାକିଆଭେଲି

70. 'ନାଗରିକ ଧର୍ମ' ଶବ୍ଦଟି କିଏ ବ୍ୟବହାର କରିଥିଲେ?

(1) ରବର୍ଟ ବେଲା (2) କାର୍ଲ ମାର୍କ୍ସ

(3) ଇମାଇଲ୍ ଡର୍ଖାଇମ୍ (4) ଡାରୱିନ୍

71. 2001 ମସିହାରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ସଂଖ୍ୟା କେତେ ଆକଳନ କରାଯାଇଥିଲା :

(1) 30 ନିୟୁତ (2) 35 ନିୟୁତ

(3) 20.5 ନିୟୁତ (4) 40 ନିୟୁତ

72. କେଉଁ ମସିହାରେ ବେଜିଂଠାରେ ବିଶ୍ୱ ମହିଳା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା:

(1) 1991 (2) 1992

(3) 1994 (4) 1995

73. କେଉଁ ମସିହାରେ କାଏରୋରେ ବିଶ୍ୱ ଜନସଂଖ୍ୟା ଏବଂ ବିକାଶ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା:

(1) 1990 (2) 1991

(3) 1992 (4) 1994

74. କେଉଁ ମସିହାରେ ୱେଷ୍ଟଫାଲିଆ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା:

(1) 1645 (2) 1646

(3) 1647 (4) 1648

75. କିଏ ଦର୍ଶାଇଥିଲେ ଯେ ସମସାମୟିକ ଶିକ୍ଷାରେ ଏକ ବ୍ୟାପକ ଏବଂ ସମନ୍ୱିତ ଦୃଷ୍ଟିକୋଣର ଅଭାବ ଅଛି?

(1) ଏଡମଣ୍ଡ ଓ' ସୁଲିଭାନ୍ (2) ଗାନ୍ଧୀଜୀ

(3) ବି. ଜି. ତିଲକ (4) ବିପିନ ଚନ୍ଦ୍ର ପାଲ

76. କିଏ ମତ ଦେଇଛନ୍ତି ଯେ ଇଟା ଏବଂ ସିମେଣ୍ଟାଲ୍ ଦ୍ୱାରା ରାଷ୍ଟ୍ର ଏକୀକରଣ ନିର୍ମାଣ କରାଯାଇପାରିବ ନାହିଁ?

(1) ଡକ୍ଟର ଏସ୍. ରାଧାକୃଷ୍ଣନ୍ (2) ସ୍ୱାମୀ ବିବେକାନନ୍ଦ

(3) ମହାତ୍ମା ଗାନ୍ଧୀ (4) ବି. ଜି. ତିଲକ

77. ଅପରେସନ୍ ବ୍ଲାକ୍ ବୋର୍ଡ କାହା ସହିତ ଜଡିତ:

(1) କୃଷି (2) ଶିଳ୍ପ

(3) ପ୍ରାଥମିକ ଶିକ୍ଷା (4) ଏଥିମଧ୍ୟରୁ କୌଣସିଟି ନୁହେଁ

78. 'ଶିକ୍ଷା' ଶବ୍ଦଟି କେଉଁଠାରୁ ଆସିଛି :

(1) ଫରାସୀ ଶବ୍ଦ (2) ଲାଟିନ୍ ଶବ୍ଦ

(3) ସ୍ପାନିସ୍ ଶବ୍ଦ (4) ଜର୍ମାନ ଶବ୍ଦ

79. କେଉଁ ମସିହାରେ ବିଶ୍ୱ ଖାଦ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା:

(1) 1992 (2) 1993

(3) 1995 (4) 1996

80. ଜାତିସଂଘ ଦ୍ୱାରା ମାନବାଧିକାରର ସାର୍ବଜନୀନ ଘୋଷଣାନାମା କେଉଁ ବର୍ଷ ଗ୍ରହଣ କରାଯାଇଥିଲା?

(1) 1942 (2) 1944

(3) 1946 (4) 1948

81. 'ଦେବ ଦାସ'ର ପ୍ରଯୋଜକ କିଏ ଥିଲେ?

(1) ସତ୍ୟଜିତ ରାୟ (2) ବିମଳ ରାୟ

(3) କେ. ଏ. ଆବାସ (4) ଗୁରୁ ଦତ୍ତ

82. 'ପାଗଲା ଘୋଡା' କିଏ ଲେଖିଥିଲେ:

(1) ମୋହନ ରାକେଶ (2) ବାଦଲ ସର୍କାର୍

(3) ବିଜୟ ତେନ୍ଦୁଲକର (4) ବିଜୟ ବିଶ୍ୱାସ

83 ‘ଘାସିରାମ କୋଟୱାଲ’ କିଏ ରଚନା କରିଥିଲେ:

(1) ବାଦଲ ସର୍‌କାର୍ (2) ମୋହନ ରାକେଶ

(3) ବିଜୟ ତେନ୍ଦୁଲକର (4) ମୋହନ ଭଗବତ

84. ‘ଅଭିଜ୍ଞାନ୍ ଶାକୁନ୍ତଳମ୍’ କିଏ ଲେଖିଥିଲେ?

(1) କାଶ୍ୟପ (2) କାଳିଦାସ

(3) ସୁଦ୍ରକ (4) ରୁଦ୍ରକ

85. ଭରତନାଟ୍ୟମ୍ କେଉଁ ସ୍ଥାନରେ ପ୍ରସିଦ୍ଧ:

(1) ଓଡିଶା (2) ତାମିଲନାଡୁ

(3) ଆନ୍ଧ୍ରପ୍ରଦେଶ (4) କେରଳ

86. ‘ନାଟ୍ୟଶାସ୍ତ୍ର’ କିଏ ରଚନା କରିଥିଲେ:

(1) ଭରତ (2) ବାଲ୍ମିକୀ

(3) କାଳିଦାସ (4) ସୁଦ୍ରକ

87. ଡେକାନ ରେ ସାତବାହାନଙ୍କୁ କିଏ ହରାଇ ଥିଲେ ?

(1) ଭକଟକ (2) ରାଷ୍ଟ୍ରକୁଟ

(3) ପଲ୍ଲବ (4) ପ୍ରତିହାର

88. ଅଜନ୍ତା ଗୁମ୍ଫାଗୁଡ଼ିକ କେଉଁ ବଂଶ ଅନ୍ତର୍ଗତ :

(1) ଚାଲୁକ୍ୟ (2) ପଲ୍ଲବ

(3) ରାଷ୍ଟ୍ରକୁଟ (4) ସାତବାହାନ

89. 'ଆଜ୍ ୟୁ ଲାଇକ୍ ଇଟ୍' କିଏ ରଚନା କରିଥିଲେ :

(1) ମିଲଟନ୍ (2) ସେକ୍ସପିଅର

(3) ଦାନ୍ତେ (4) ହୋମର

90. 'ଗୋଦାନ' ର ଲେଖକ କିଏ ଥିଲେ ?

(1) କାଳିଦାସ (2) ସୁରଦାସ

(3) ପ୍ରେମ ଚାନ୍ଦ (4) ସେକ୍ସପିଅର

91. 'ପାରାଡାଇଜ୍ ଲଷ୍ଟ' କିଏ ଲେଖିଥିଲେ:

(1) ସେକ୍ସପିଅର (2) ମିଲଟନ୍

(3) ଦାନ୍ତେ (4) ପ୍ଲୁଟାର୍ଚ୍ଚ

92. ଭାରତ ସରକାର କେଉଁ ବର୍ଷ ଏକ ନୂତନ ବାଣିଜ୍ୟ ନୀତି ଘୋଷଣା କରିଥିଲେ?

(1) 1990 (2) 1991

(3) 1994 (4) 1995

93. 1990-91 ମସିହାରେ ଭାରତର ଜାତୀୟ ଆୟର ଶତକଡ଼ା କେତେ ରପ୍ତାନି ଥିଲା:

(1) 6.8 (2) 6.9

(3) 8 (4) 10

94. ସବୁଜ ବିପ୍ଳବ କାହା ସହିତ ଜଡିତ:

(1) ଶିକ୍ଷା (2) ଦୁଗ୍ଧ ଉତ୍ପାଦନ

(3) କୃଷି (4) କମ୍ପ୍ୟୁଟର ବିଜ୍ଞାନ

95. କେଉଁ ମସିହାରେ MRTP ଆଇନ ଭାରତ ଦ୍ୱାରା ପ୍ରଣୟନ କରାଯାଇଥିଲା:

(1) 1969 (2) 1970

(3) 1975 (4) 1984

96. 'ଭାରତ ପାଇଁ ଯୋଜନା ଅର୍ଥନୀତି' କିଏ ଲେଖିଥିଲେ:

(1) ଚିଦାମ୍ବରମ (2) ଅମର୍ତ୍ତ୍ୟ ସେନ

(3) ଏମ. ବିଶ୍ୱେଶ୍ୱରାୟ (4) କୃପାଳନୀ

97. MNP ର ଅର୍ଥ ହେଉଛି:

(1) ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ (2) ସର୍ବାଧିକ ଆବଶ୍ୟକତା ପ୍ରକଳ୍ପ

(3) ସର୍ବନିମ୍ନ ନେଟ୍ ପ୍ରକଳ୍ପ (4) ଏଥିମଧ୍ୟରୁ କୌଣସିଟି ନୁହେଁ

98. ଯୋଜନା ଆୟୋଗ କେଉଁ ବର୍ଷ ପ୍ରତିଷ୍ଠା କରାଯାଇଥିଲା ?

(1) 1945 (2) 1947

(3) 1952 (4) 1950

99. 1993-94 ମସିହାରେ ମାଧ୍ୟମିକ କ୍ଷେତ୍ରରେ କେତେ ଶତକଡା ଲୋକ ନିୟୋଜିତ ଥିଲେ ?

(1) 15.4 (2) 16

(3) 17 (4) 19

100. ସରକାର ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ କିଏ ଏକ ବଫର ଭାବରେ କାର୍ଯ୍ୟ କରେ?

(1) ବିଡିଓ (2) କଲେକ୍ଟର

(3) ଜିଲ୍ଲା ପରିଷଦ (4) ପୋଲିସ ଅଧୀକ୍ଷକ

## SPACE FOR ROUGH WORK

## ରଫ୍ କାର୍ଯ୍ୟ ପାଇଁ ସ୍ଥାନ